# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 May - 2025

************************************

## ମୁଖ୍ୟ ସମ୍ବାଦ

- ଏନ୍.ଡି.ଏ. ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ କାର୍ଯ୍ୟକାଳର ଆଜି ୧୧ ବର୍ଷ ପୂର୍ତ୍ତି

– ୩୦ ବର୍ଷର ମିଳିତ ଶାସନ ବ୍ୟବସ୍ଥାକୁ ପ୍ରତିହତ କରି ଦେଶର ନାଗରିକଙ୍କୁ ସ୍ୱଚ୍ଛ ଓ ନିର୍ଣ୍ଣାୟକ ଶାସନ ବ୍ୟବସ୍ଥା ପ୍ରଦାନ କରିପାରିଛି; କହିଲେ ପ୍ରଧାନମନ୍ତ୍ରୀ

- ରଥଯାତ୍ରା ନୀତିନିର୍ଘଣ୍ଟ, ରତ୍ନଭଣ୍ଡାର ଓ ନାଟ୍ୟ ମଣ୍ଡପର ମରାମତି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ ଦେଶରେ ସକ୍ରିୟ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ

ଏବଂ

- ଲଘୁଚାପର ପ୍ରଭାବରେ ବ୍ରଜପାତ ସହ ବର୍ଷା ନେଇ ୧୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

# ପିଏମ୍-୧୧ ଇୟର

ଏନ୍‌ଡିଏ ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଜି ୧୧ ବର୍ଷ ପୂରଣ କରିଛି । ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦୀର୍ଘ ୧୧ ବର୍ଷର କାର୍ଯ୍ୟକାଳ ପୂରଣ କରିଛନ୍ତି । ୨୦୧୪ ମସିହା ଆଜିର ଦିନରେ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଶପଥ ଗ୍ରହଣ କରିଥିଲେ । ସେହିଦିନଠାରୁ ଭାରତର ଆଧୁନିକ ରାଜନୈତିକ ଇତିହାସରେ ପରିବର୍ତ୍ତନ ଦେଖାଦେଇଥିଲା । ୩୦ ବର୍ଷର ମିଳିତ ଶାସନ ବ୍ୟବସ୍ଥାକୁ ପ୍ରତିହତ କରି ବିଜେପି ଲୋକମାନଙ୍କୁ ଏକ ସ୍ୱଚ୍ଛ ଏବଂ ନିର୍ଣ୍ଣାୟକ ଶାସନ ବ୍ୟବସ୍ଥା ପ୍ରଦାନ କରିଆସିଛି ।

୨୦୧୪ ମସିହା ମଇ ମାସ ୨୬ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଦେଶର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ନରେନ୍ଦ୍ର ମୋଦୀ । କୋଟି କୋଟି ଭାରତୀୟଙ୍କ ପାଇଁ ନୂତନ ଆଶା ସଂଚାର କରି ଦେଶର ପ୍ରମୁଖ ନେତୃତ୍ୱ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଶ୍ରୀ ମୋଦୀ ।

**V/O (PM Oath)**

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶର ଗରିବ ଜନସାଧାରଣଙ୍କ ପାଇଁ ଜୀବନଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ

ଦିଗରେ ପ୍ରୟାସ ଆରମ୍ଭ ହୋଇଥିଲା । ଶ୍ରୀ ମୋଦୀ ବିକାଶମୂଳକ ରାଜନୀତି ଉପରେ ଆସ୍ଥା ସ୍ଥାପନ କରିଥିଲେ ।

ଫଳରେ "ସବ୍ କା ସାଥ୍-ସବ୍ କା ବିକାଶ- ସବ୍‌କା ବିଶ୍ୱାସ ଓ ସବ୍ କା ପ୍ରୟାସ"ର ମନ୍ତ୍ର ନେଇ ଆରମ୍ଭ ହୋଇଥିଲା ଭାରତୀୟ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନର ନୂଆ ସ୍ୱର । ଗତ ୧୧ ବର୍ଷରେ ଦେଶର ପ୍ରତ୍ୟେକଟି କ୍ଷେତ୍ରରେ ପରିବର୍ତ୍ତନ ଘଟିଛି ଏବଂ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜାଗ୍ରତ ହୋଇଛି । ସାଧାରଣ ଲୋକଙ୍କର ଆବଶ୍ୟକତା ପୂରଣଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ, ଅର୍ଥନୈତିକ ବ୍ୟବସ୍ଥାର ସୁଦୃଢ଼ୀକରଣ, ରୋଜଗାର ସୃଷ୍ଟି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବିଶ୍ୱ ସ୍ତରରେ ଦେଶର ମାନ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱରେ ନୂଆ ପରିଚୟ ପାଇଛି । ବିଶ୍ୱରେ ଭାରତ ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି ଏବଂ ୨୦୪୭ ସୁଦ୍ଧା ଦେଶକୁ ବିକଶିତ କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱ ନିଶ୍ଚିତ ସଫଳତା ଆଣିବ ବୋଲି ଆଶା କରାଯାଉଛି ।

***Puri***

## ଶ୍ରୀମନ୍ଦିର- ଉଚ୍ଚସ୍ତରୀୟ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଅଧିକାରୀମାନଙ୍କ ଉଚ୍ଚସ୍ତରୀୟ

ବୈଠକରେ ଆଗାମୀ ରଥଯାତ୍ରା ନୀତି ନିର୍ଘଣ୍ଟ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ  ଆଲୋଚନା ହୋଇଛି। ବୈଠକରେ ରତ୍ନଭଣ୍ଡାର ମରାମତିର ସମୀକ୍ଷା କରାଯିବା ସହ ନାଟମଣ୍ଡପରେ ପ୍ରସ୍ତାବିତ ଧାଡ଼ି ଦର୍ଶନ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

**- V/O -**

***HS***

## ସାଇବର କର୍ମଶାଳା

ଅପରାଧର ତଦନ୍ତ ଏବଂ ତଥ୍ୟକୁ ନେଇ ଭୁବନେଶ୍ୱରଠାରେ ଏକ ଚାରିଦିନିଆ କର୍ମଶାଳା ଚାଲିଛି।  ପୁଲିସ ମହାନିର୍ଦ୍ଦେଶ ୱାଇ.ବି. ଖୁରାନିଆ କର୍ମଶାଳାରେ ଯୋଗଦେଇ କହିଛନ୍ତି, ରାଜ୍ୟରେ ଆହୁରି ୨୦ଟି ସାଇବର ଥାନା ଖୋଲାଯିବ। ଏଥିରେ ୬ ଜଣ ଲେଖାଏଁ ସାଇବର ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବ। ରାଜ୍ୟରେ ସାଇବର ଅପରାଧର ମୁକାବିଲା ପାଇଁ ଓଡ଼ିଶା ପୁଲିସ  ରଣନୀତି ପ୍ରସ୍ତୁତ କରିଛି।

***Desk***

## ଶିକ୍ଷକଙ୍କ ଦକ୍ଷତା ମୂଲ୍ୟାଙ୍କନ

ଦକ୍ଷତା ବିକାଶ ଆୟୋଗ–କାପାସିଟି ବିଲ୍ଡିଂ କମିଶନ ଦ୍ୱାରା ଶିକ୍ଷକମାନଙ୍କ ଦକ୍ଷତାର ମୂଲ୍ୟାଙ୍କନ କରାଯିବ। ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରର ଶିକ୍ଷକଙ୍କୁ ନେଇ ଏହି ସର୍ବେକ୍ଷଣ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଉଚ୍ଚ

ମାଧ୍ୟମିକ, ମାଧ୍ୟମିକ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ନେଇ ଅବଗତ କରାଯାଇଛି। ସର୍ବେକ୍ଷଣ ଦ୍ୱାରା ୧୪ ହଜାର ୫୦୦ ପ୍ରାଥମିକ ଶିକ୍ଷକଙ୍କ ସମେତ ୬ ହଜାର ମାଧ୍ୟମିକ ଏବଂ ୩୩୦ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ଦକ୍ଷତାର ମୂଲ୍ୟାଙ୍କନ କରାଯିବ। ସର୍ବେକ୍ଷଣ ପରେ ଜିଲ୍ଲାଓ୍ୱାରୀ ଶିକ୍ଷକଙ୍କ ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

***Desk***

## ଯୁକ୍ତ ଦୁଇ ପରୀକ୍ଷା ଖାତା ଯାଞ୍ଚ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଖାତା ପୁନଃଯାଞ୍ଚ ଓ ପୁନଃମୂଲ୍ୟାୟନ ପାଇଁ ଛାତ୍ରଛାତ୍ରୀମାନେ ଆସନ୍ତା ୩୦ରୁ ଜୁନ୍ ୧୩ ତାରିଖ ମଧ୍ୟରେ ଆବେଦନ କରିପାରିବେ। ପରିଷଦ ପକ୍ଷରୁ କୁହାଯାଇଛି, ଛାତ୍ରଛାତ୍ରୀମାନେ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ଏଥିନିମନ୍ତେ ଆବେଦନ କରିପାରିବେ। ଅନଲାଇନ୍ ଖାତାଦେଖାରେ କିଛି ତ୍ରୁଟି ଥିଲେ ଏଥିପାଇଁ ଅଭିଯୋଗ ମଧ୍ୟ କରିପାରିବ। ପ୍ରତି ପେପର ପିଛା ୨୦୦ ଟଙ୍କା ଦେୟ ଦାଖଲ କରିବାକୁ ପଡ଼ିବ। ପୁନଃ ଖାତା ଯାଞ୍ଚ ସଂକ୍ରାନ୍ତ ନିୟମାବଳୀ ପରିଷଦ ପକ୍ଷରୁ ଜାରି କରାଯାଇଛି।

***Desk***

## କୋଭିଡ୍

ଦେଶରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍-

୧୯ ପୋର୍ଟାଲର ତଥ୍ୟ ଅନୁସାରେ ଆଜି ସକାଳ ୮ଟା ସୁଦ୍ଧା ଦେଶରେ ୧ ହଜାର ୯ ଜଣ ସକ୍ରିୟ କରୋନା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେରଳରେ ସର୍ବାଧିକ ୪୩୦ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ, ବିହାର, ହିମାଚଳ ପ୍ରଦେଶ, ଜାମ୍ମୁକାଶ୍ମୀର, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଓ ଆଣ୍ଡାମାନ ନିକୋବରରୁ କରୋନା ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

***Desk***

## ଗହମ ସଂଗ୍ରହ

ଚଳିତ ରବିଋତୁରେ କେନ୍ଦ୍ର ସରକାର ୨୯ ନିୟୁତ ଟନ୍‌ରୁ ଅଧିକ ଗହମ ସଂଗ୍ରହ କରିଛନ୍ତି। ଯାହା ଗତ ବର୍ଷ ତୁଳନାରେ ୧୩ ପ୍ରତିଶତରୁ ଅଧିକ ବୋଲି ଭାରତୀୟ ଖାଦ୍ୟ ନିଗମ– ଏଫ୍.ସି.ଆଇ. ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ୨୦୨୧-୨୨ ମସିହରେ ଏଭଳି ରେକର୍ଡ ସଂଗ୍ରହ ହୋଇଥିଲା। ଅନୁକୂଳ ପାଣିପାଗ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଫସଲ ହାନୀ ହୋଇ ନ ଥବାରୁ ଗହମ ଉତ୍ପାଦନରେ ବୃଦ୍ଧି ଘଟିଛି। ଏହି ଅଧିକ ସଂଗୃହୀତ ଗହମକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଲୋକଙ୍କୁ ବାଣ୍ଟିବା ଏବଂ ଦରବୃଦ୍ଧିର ମୁକାବିଲା କରିବା ଲାଗି ବ୍ୟବହାର କରାଯିବ ବୋଲି ଏଫ୍.ସି.ଆଇ. ପକ୍ଷରୁ କୁହାଯାଇଛି।

***Nuapada***

## ଧାନ ସଂଗ୍ରହ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବରଗାଁ ସମବାୟ ସମିତିରେ ଆଜି ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି। ସମବାୟ ସମିତି ଅଧୀନସ୍ଥ ତିନୋଟି ଧାନମଣ୍ଡି ମଧ୍ୟରୁ ସାନମହେଶ୍ୱରୀ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ସମବାୟ ସମିତି ସମ୍ପାଦକ କହିଛନ୍ତି, ଏହି ମଣ୍ଡିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନସଂଗ୍ରହର ଦାୟିତ୍ୱ ନେଇଛନ୍ତି।

***Sonepur/Nayagarh/BHK/Desk***

## ସାବିତ୍ରୀ ବ୍ରତ

ଜ୍ୟେଷ୍ଠ ମାସ ଅମାବାସ୍ୟ ତିଥିରେ ଆଜି ରାଜ୍ୟରେ ପାଳନ କରାଯାଉଛି ସାବିତ୍ରୀ ବ୍ରତ। ଆଜିର ଦିନରେ ବିବାହିତା ନାରୀମାନେ ଦେବୀ ସାବିତ୍ରୀଙ୍କୁ ପୂଜାର୍ଚ୍ଚନା  କରିଥାନ୍ତି। ବ୍ରତଚାରିଣୀମାନେ ବଟବୃକ୍ଷ ମୂଳେ ସତ୍ୟବାନକୁ ପୂଜା କରି  ସ୍ତୁତିଗାନ କରିଥାନ୍ତି। ମନ୍ଦିରମାନଙ୍କରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି। ପୌରାଣିକ ତଥ୍ୟ ଅନୁସାରେ ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମରାଜଙ୍କଠାରୁ ଫେରାଇ ଆଣିଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳନ ନେଇ ସମ୍ବାଦ ଆମର ହସ୍ତଗତ ହୋଇଛି।

ଭଦ୍ରକର ସ୍ୱତନ୍ତ୍ର କାରାଗାରରେ ମହିଳା କଏଦୀମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି।

ନୟାଗଡ଼ ଜିଲ୍ଲାର ବିଭିନ୍ନ ମନ୍ଦିରରେ ସାବିତ୍ରୀ ଉପଲକ୍ଷେ ବ୍ରତଧାରୀ ମହିଳାମାନେ ପୂଜାର୍ଚ୍ଚନା କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ରତଧାରୀ ମହିଳାମାନେ ସ୍ୱାମୀଙ୍କର ମଙ୍ଗଳମନାସୀ ଫଳମୂଳ ସହ ଅଶ୍ୱଥ ଗଛକୁ ବନ୍ଦାପନା କରିବା ପରେ ତୁଳସୀ ଚଉଁରାମୂଳେ ଏକତ୍ରୀତ ହୋଇ ପୂଜା କରିଛନ୍ତି।

***Desk***

## ସିଏମ୍ ଟ୍ରଫି

ରାଜ୍ୟରେ ତୃଣମୂଳସ୍ତରରେ  କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଆସନ୍ତା ୨୮ ତାରିଖ ବୁଧବାର ଦିନଠାରୁ ଦ୍ୱିତୀୟ ପର୍ଯ୍ୟାୟ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିବେ।  ଏହି ପ୍ରତିଯୋଗିତା ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତା ପରେ ସି.ଏମ୍. ଟ୍ରଫି ଫାଇନାଲ ଖେଳ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିମୟରେ ଗତକାଲି ସି.ଏମ୍ ଟ୍ରଫିର ଲୋଗୋ, ଟ୍ରଫି, ଜର୍ସି ଓ ସଙ୍ଗୀତକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉନ୍ମୋଚନ କରିଛନ୍ତି। ସୂଚନାଯୋଗ୍ୟ, ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ

ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୭୧ଟି ଫୁଟବଲ କ୍ଲବ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ ।

***Desk***

## ପାଣିପାଗ

ମାରଥୱାଡ଼ା ଏବଂ ତାର ଆଖପାଖ ଆନ୍ଧ୍ରପ୍ରଦେଶ, ଉପକୂଳବର୍ତ୍ତୀ ଅଞ୍ଚଳରୁ ଛତିଶଗଡ଼, ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରପ୍ ଲାଇନ୍ ସହିତ ଲଘୁଚାପ ବଳୟ ସୃଷ୍ଟି ହୋଇଥିବାରୁ ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ଭାଗର କେତେକ ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷାର ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଆଜି ଦିନର ସର୍ବାଧିକ ତାପମାତ୍ରା ୩୪ ଏବଂ ସର୍ବନିମ୍ନ ତାପମାତ୍ରା ୨୬ ଦଶମିକ ୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।